ପ୍ରଭାତୀ
The Pravati
୨୩|୦୨|୨୦୧୪ ରବିବାର

# ସିଏମ୍‌ଏ ଆୟୋଜନ କରିବ ଜାତୀୟ କଷ୍ଟ୍ କନ୍‌ଭେନ୍‌ସନ

ଭୁବନେଶ୍ୱର,୨୨।୦୨ (ବ୍ୟୁରୋ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଟାଣ୍ଟ ଅଫ ଇଣ୍ଡିଆ ତରଫରୁ ଆସନ୍ତା ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ୫୫ତମ ଜାତୀୟ କଷ୍ଟ କନ୍‌ଭେନ୍‌ସନ ପାଳନ କରାଯିବ । ଏହି ଅବସରରେ କଷ୍ଟ୍ ଓ ମୂଲ୍ୟାଙ୍କନର ପ୍ରତିଯୋଗିତା ଏବଂ ଦାୟିତ୍ୱବାନ ପରିଚାଳନା ଦ୍ୱାରା ଜାତୀୟ ଉନ୍ନତି ଶୀର୍ଷକ ଉପରେ ଆଲୋଚନା ହେବ । ଏନେଇ ଆଜି ଇନ୍‌ଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟ ଅଫ ଇଣ୍ଡିଆର ସଭାପତି ସୁରେଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । ଏଥିରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସେଲର ପ୍ରଫେସର ଡ ବୈଷ୍ଣବ ଚରଣ ତ୍ରିପାଠୀ ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେବେ । କିନୋଟ ବକ୍ତାଭାବେ ପଦ୍ମଭୂଷଣ ସିଏମଏ ଡଃ ମୃତ୍ୟୁଞ୍ଜୟ ଆର୍ଥୋୟା ଯୋଗ ଦେବେ । ଏହା ସହିତ ଅନ୍ୟାନ୍ୟ ଉଚ୍ଚ ପଦବୀରେ ଥିବା କିଛି ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।